# ମଇ ଦିବସ

ବିଦ୍ୟାଧର ବାରିକ୍

ମଇ ଦିବସର ତାତ୍ପର୍ଯ୍ୟ କ'ଣ ? କାହିଁକି ଏହା ପାଳନ କରାଯାଏ ? 'ଜଗତିକରଣ' ବ୍ୟବସ୍ଥାରେ ଯେତେବେଳେ ଶିଳ୍ପ ଓ ଶିଳ୍ପ ଶ୍ରମିକର ସଂଜ୍ଞା ଓ ସ୍ୱରୂପ ବଦଳେ ସେତେବେଳେ ଏହାର ପ୍ରାସଙ୍ଗିକତା କେତେଦୂର ଯଥାର୍ଥ ? ? ? ଏସବୁ ପ୍ରଶ୍ନ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି– ' ମୁକ୍ତି, ସମତା ଓ ଭ୍ରାତୃତ୍ୱ' ହାସଲର ଲକ୍ଷ୍ୟସ୍ଥଳରେ ଆମେ ଏଯାବତ୍ ପହଞ୍ଚିପାରିନାହୁଁ। କେବଳ ବିଧିରକ୍ଷା ନିମନ୍ତେ ଗତାନୁଗତିକ ଢଙ୍ଗରେ ମଇ– ପହିଲା ତାରିଖ ଦିନ ଶ୍ରମିକ ସଭା ଓ ଶୋଭାଯାତ୍ରା କରି ଦେଇ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ଯେ ସମ୍ପାଦନ ହୋଇଗଲା, ତାହା ଭାବିବା ଉଚିତ୍ ନୁହେଁ । ଯେଉଁ ଆମେରିକାରେ 'ମଇ ଦିବସ' ପ୍ରଥମେ ଆରମ୍ଭ ହୋଇଥିଲା, ସେ ରାଷ୍ଟ୍ର ଆଜି ଧନୀ, ପୁଞ୍ଜିପତି ରାଷ୍ଟ୍ରଭାବେ ସାରା ବିଶ୍ୱର ଅର୍ଥନୀତିକୁ କବଳିତ କରିଛି । ସେଠାରେ ମଇ ଦିବସ ଆଜି ଆନନ୍ଦ ଉତ୍ସବର ଦିନ ଭାବେ ପାଳିତ ହେଉଛି । ବିଶ୍ୱର କିନ୍ତୁ ଅନ୍ୟ ଦରିଦ୍ର ଅନୁନ୍ନତ ରାଷ୍ଟ୍ରମାନଙ୍କରେ ଏହା ବିପ୍ଳବର ଦିନଭାବେ ପାଳିତ ହୋଇଥାଏ, ଯେ ପର୍ଯ୍ୟନ୍ତ ସମାଜରେ ବିଷମତା, ଶୋଷଣ, କଷଣ, ଦାରିଦ୍ର୍ୟ, କ୍ଷୁଧା ବଳବତ୍ତର ରହିଛି, ସେ ପର୍ଯ୍ୟନ୍ତ ଏଇ 'ମଇ ଦିବସ'ର ପ୍ରାସଙ୍ଗିକତା ରହିଛି ଓ ରହିବ ।

ଆଜିକୁ ୧୨୬ ବର୍ଷ ତଳର ଘଟଣା । ଅନ୍ଧାରୀ ଯୁଗର କାହାଣୀ କହିଲେ ଅତ୍ୟୁକ୍ତି ହେବନାହିଁ। ୧୮୮୧ରେ ଆମେରିକା ଶ୍ରମିକମାନଙ୍କର ଫେଡେରେସନ୍–ଏଏଫ୍ଏଲ୍ ଗଠିତ ହୋଇଥିଲା। ତା'ର ମାତ୍ର ଦୁଇବର୍ଷ ପୂର୍ବରୁ 'ଏଡିସନ୍' ବିଜୁଳି ଆଲୋକ ଉଦ୍ଭାବନ କରିଥିଲେ। ଠିକ୍ ତା'ର ପାଞ୍ଚବର୍ଷ ପୂର୍ବରୁ 'ଟେଲିଫୋନ୍ ଉଦ୍ଭାବନ ହୋଇଥିଲା । ସେତେବେଳେ ଅଟୋ, ଏରୋପ୍ଲେନ୍, ରେଡିଓ, ଟେଲିଭିଜନ୍, ଏୟାରକଣ୍ଡିସନ, କାଲକୁଲେଟର, କମ୍ପ୍ୟୁଟର ସ୍ୱପ୍ନବତ ଥିଲା, ଆମେରିକା ଶ୍ରମିକ ଫେଡେରେସନ୍ ଗଠନ ହେବାର ଦଶ ବାରବର୍ଷ ପୂର୍ବରୁ ବ୍ରିଟିଶ ଟ୍ରେଡ ୟୁନିୟନ କଂଗ୍ରେସ' ଗଠିତ ହୋଇଥିଲା । ଉକ୍ତ ସଙ୍ଗଠନ ଆମେରିକା ସମେତ ପୃଥିବୀର ବିଭିନ୍ନ ମହାଦେଶ ଓ ଦେଶର ଶ୍ରମିକ ଆନ୍ଦୋଳନକୁ ନାନା ଦିଗରେ ପ୍ରଭାବିତ ଓ ପ୍ରୋତ୍ସାହିତ କରିଥିଲା । ସେତେବେଳେ ଶିଳ୍ପ କାରଖାନାଗୁଡିକରେ ଶ୍ରମିକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟ ନିର୍ଘଣ୍ଟ ବା ଶ୍ରମ କାନୁନ ନଥିଲା। ମାଲିକମାନେ ଶ୍ରମିକମାନଙ୍କୁ ପଶୁ ଭଳି ବ୍ୟବହାର କରୁଥିଲେ। ଦିନକୁ ଆଠଘଣ୍ଟା କାମ କରିବାର ଦାବି ନେଇ ପ୍ରଥମେ ଆମେରିକାର ମେହନତୀ ମଣିଷମାନେ ବିପ୍ଳବର ବିଗୁଲ ବଜାଇଥିଲେ। ୧୮୮୬ ମସିହା– ମଇ ପହିଲା ତାରିଖ, ଆମେରିକାର ଚିକାଗୋ ସହରରେ ବିରାଟ ଶ୍ରମିକ ସଭା ଓ ଶୋଭାଯାତ୍ରା ହୋଇଥିଲା । 'ହେ–ମାର୍କେଟ ସ୍କୋୟାର' ଲୋକାରଣ୍ୟ ହୋଇଉଠିଲା । ମାଲିକ ଓ ପୁଞ୍ଜିପତିମାନେ ଏଥିରେ ଆତଙ୍କିତ ହୋଇପଡିଲେ। ବିକ୍ଷୋଭକୁ ଦମନ କରିବାକୁ ସେମାନେ ଓ ପୋଲିସ୍ ବାହିନୀକୁ ପ୍ରଭାବିତ କଲେ । ଆନ୍ଦୋଳନକୁ ପ୍ରତିହତ କରିବାକୁ ପୋଲିସ୍ ବାହିନୀ ହିଂସ୍ର ହୋଇଉଠିଲେ । ଶ୍ରମିକ ସମାବେଶ ଉପରେ ଆଖିବୁଜା ଲାଠିମାଡ ଓ ଗୁଳିବର୍ଷଣ ଚାଲିଲା, 'ହେ–ମାର୍କେଟ ସ୍କୋୟାର' ରକ୍ତ ରଞ୍ଜିତ ହେଲା, ଅନେକ ନିରୀହ ଶ୍ରମିକ ସେଇଠି ଟଳି ପଡିଲେ। ଅସଂଖ୍ୟ କ୍ଷତ,ବିକ୍ଷତ ହେଲେ । ମିଥ୍ୟା ମୋକଦ୍ଦମାରେ ଅନେକ ଶ୍ରମିକଙ୍କୁ ଜଡିତ କରି ନିରନ୍ଧ୍ର କାରାଗାରରେ ନିକ୍ଷେପ କରାଗଲା । ଶ୍ରମିକ ନେତା, ପାରନସ ସ୍ପାଇଜ୍, 'ଫିସର' ଏବଂ 'ଏଙ୍ଗେଲସ୍'ଙ୍କୁ ନିର୍ମମଭାବେ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା । 'ନିବେସ୍କାଓ୍ୱାବ' ଏବଂ 'ଫିଲଡେନ୍'ଙ୍କୁ ଦୀର୍ଘ କାରାଦଣ୍ଡ ଭୋଗିବାକୁ ପଡିଲା ।

ଆମେରିକା ଶ୍ରମଜୀବୀମାନଙ୍କର ଏଇ ବିପ୍ଳବ କେବଳ ସେ ଦେଶରେ ସୀମିତ ହୋଇ ରହିଲା ନାହିଁ। ଏହା ୟୁରୋପ ସମେତ ବିଭିନ୍ନ ମହାଦେଶ ଓ ଦେଶ ମଧ୍ୟରେ ପ୍ରସାରିତ ହେଲା । ୧୮୮୯ ମସିହାଠାରୁ, ପ୍ୟାରିସ' ସହରରେ 'ମଇପହିଲା'କୁ 'ବିଶ୍ୱ ଶ୍ରମିକ ଦିବସ'

ରୂପେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ଏବଂ ୧୮୯୦ ମସିହାଠାରୁ ଏଇ ଦିବସକୁ ବିଶ୍ୱଶ୍ରମିକ ଦିବସଭାବେ ପାଳନ କରାଯାଉଛି ସେଇଦିନଠାରୁ ଆଜି ପର୍ଯ୍ୟନ୍ତ ବିଶ୍ୱର କୋଣେ ଅନୁକୋଣେ ଶ୍ରମିକମାନଙ୍କର ନ୍ୟାୟୋଚିତ ଦାବି ହାସଲ ପାଇଁ ଅନେକ ସଂଘର୍ଷ ଘଟିଛି ଓ ଅନେକ ଶ୍ରମିକ ନେତା, କର୍ମୀ ସହିଦ୍ ହୋଇଛନ୍ତି। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଓ ଆଗାମୀ ଦିନ ପାଇଁ ନୂତନ ଶପଥ ନେବା ହେଉଛି ଏଇ ଦିବସର ତାତ୍ପର୍ଯ୍ୟ ।

ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୯), ଋଷବିପ୍ଳବ (୧୯୧୭), ଲିଗ୍ ଅଫ୍ ନେସ୍‌ନସ୍ ବା ଜାତିସଂଘ (୧୯୧୯) ପ୍ରତିଷ୍ଠା ଏବଂ ଏହାର ଶ୍ରମସମ୍ପର୍କିତ ଶାଖା ଆଇ.ଏଲ୍.ଓ. ଗଠନ ପରେ ବିଶ୍ୱ ଇତିହାସରେ ବହୁ ପରିବର୍ତ୍ତନ ଘଟିଯାଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫), ଭାରତ'ର ସ୍ୱାଧୀନତା (୧୯୪୭ ଅଗଷ୍ଟ ପନ୍ଦର) ଏବଂ ଔପନିବେଶ ଶାସନାଧୀନ ବିଶ୍ୱର ଅନେକ ରାଷ୍ଟ୍ରର ସ୍ୱାଧୀନତା ହାସଲ ବିଶ୍ୱ ମାନଚିତ୍ରକୁ ବଦଳାଇ ଦେଇଛି । ପୃଥିବୀର ବିଭିନ୍ନ ଦେଶର ଗମନା-ଗମନ, କୃଷି, ଶିଳ୍ପ, ବାଣିଜ୍ୟ, ଜ୍ଞାନ, ବିଜ୍ଞାନ ଓ ସଂଚାର ବ୍ୟବସ୍ଥାର ବିରାଟ ପରିବର୍ତ୍ତନ ଘଟିଛି । ଏଇ ଦ୍ରୁତ ପରିବର୍ତ୍ତନ ଘଟଣାବଳୀ ମୂହୂର୍ତ୍ତକ ମଧ୍ୟରେ ଟିଭି, ଇଣ୍ଟରନେଟ୍, ମୋବାଇଲ, ସମ୍ବାଦପତ୍ର ମାଧ୍ୟମରେ ପ୍ରସାରିତ ହେଉଛି । ପୃଥିବୀର ଦୂରତ୍ୱ ବ୍ୟବଧାନ କମିଯାଇଛି । 'ବିଶ୍ୱ ବାଣିଜ୍ୟ ସଂସ୍ଥା (ଡବ୍ଲୁଟିଓ), ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍), ବିଶ୍ୱବ୍ୟାଙ୍କ ଓ ବହୁ ଦେଶୀୟ କମ୍ପାନୀ ପ୍ରତିଷ୍ଠା ହୋଇ ପୁଞ୍ଜି ସମ୍ରାଟ ଆମେରିକା, ଆଜି ବିଶ୍ୱର ବିଭିନ୍ନ ରାଷ୍ଟ୍ରକୁ କବଳିତ କରିଛି ଏକ ପକ୍ଷରେ 'ବିକାଶଶୀଳ' ରାଷ୍ଟ୍ର ସୁଖ, ସମୃଦ୍ଧିର ଶିଖରରେ ପହଞ୍ଚିଥିଲାବେଳେ ଅନ୍ୟପକ୍ଷରେ 'ବିକାଶମୁଖୀ' ଓ ଅନୁନ୍ନତ ରାଷ୍ଟ୍ର ଦେଶଗୁଡିକରେ ସାମାଜିକ, ଆର୍ଥିକ ବୈଷମ୍ୟ, ଶୋଷଣ, ଅସମତା, ଅତ୍ୟାଚାର ଓ ଉତ୍ପୀଡନ ବୃଦ୍ଧି ପାଉଛି । ଏହାର ପ୍ରଥମ ଶୀକାର ହେଉଛନ୍ତି- ମେହନତୀ ଶ୍ରମଜୀବୀ, ସୁତରାଂ ଏ ସବୁର ମୁକାବିଲା ପାଇଁ ଶ୍ରମିକ ଏକତା ଅନିବାର୍ଯ୍ୟ।

ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆମଦେଶରେ 'ଶିଳ୍ପବିପ୍ଳବ' ଆରମ୍ଭ ହୋଇଥିଲା । ୧୮୫୦ରୁ ୧୮୭୫ ମଧ୍ୟରେ ବମ୍ବେ(ମୁମ୍ବାଇ)ର ଲୁଗାକଳ, କଲିକତା(କୋଲକାତା)ର ଚଟକଳ ସ୍ଥାପନ ସଙ୍ଗେ ସଙ୍ଗେ ରେଳବାଇ, କୋଇଲାଖଣି, ଚା'ବଗିଚା, ବନ୍ଦର ଇତ୍ୟାଦିରେ ପୁଞ୍ଜିବାଦୀ ବ୍ୟବସ୍ଥାରେ ଉତ୍ପାଦନ ଆରମ୍ଭ ହେଲା । ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଛାପାଖାନା, ଯୁଦ୍ଧାସ୍ତ୍ର କାରଖାନା ଓ ବିଦେଶୀ ତଥା ଘରୋଇ ମାଲିକାନାରେ କ୍ଷୁଦ୍ର, ମଧ୍ୟମ କଳ-କାରଖାନା, ଟାଟା ଲୌହ ଇସ୍ପାତ କାରଖାନା (୧୯୧୨) ପ୍ରତିଷ୍ଠା ହେଲା । ସ୍ୱାଧୀନତା ପରେ ଦେଶକୁ ସ୍ୱାବଲମ୍ବନଶୀଳ କରିବାକୁ ବିଭିନ୍ନ ବୃହତ୍ତ, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପମାନ ଗଢିଉଠିଲା । ପ୍ରାଥମିକ ଅବସ୍ଥାରେ ଶିଳ୍ପ-କାରଖାନାରେ ନିଯୁକ୍ତ ଶ୍ରମିକମାନେ ଥିଲେ ମୁଖ୍ୟତଃ ଅନଭିଜ୍ଞ ଓ ଅଣକୁଶଳି। ସେମାନେ କୃଷିକ୍ଷେତ୍ରରୁ ଶିଳ୍ପକ୍ଷେତ୍ରକୁ ଆସିଥିଲେ। ଶିଳ୍ପସଂସ୍କୃତି ସହିତ ସେମାନେ ଆଦୌ ଅଭ୍ୟସ୍ତ ନଥିଲେ । ସୁତରାଂ ଶିଳ୍ପ-କାରଖାନା ପ୍ରତିଷ୍ଠା ସହ ତାଳଦେଇ ଆମଦେଶରେ ଶ୍ରମିକ ସଂଗଠନ ଓ ଶ୍ରମ ଆନ୍ଦୋଳନ ମୁଣ୍ଡଟେକି ନଥିଲା । ଏଥିପାଇଁ ବହୁବର୍ଷ ବିତିଗଲା । ଏହାର ସୁଯୋଗ ନେଇ ମାଲିକ ଓ ଶିଳ୍ପପତିମାନେ ଶ୍ରମିକମାନଙ୍କୁ ମନଇଚ୍ଛା ଶୋଷଣ କଲେ । ପ୍ରାରମ୍ଭିକ ଅବସ୍ଥାରେ ଭାରତୀୟ ଶ୍ରମିକମାନଙ୍କର ଏଇ ଦୁର୍ଦ୍ଦଶା ବିଲାତ(ଇଂଲଣ୍ଡ)ର ନାଗରିକ ସମାଜ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ପରେ ଭାରତର ସମାଜ ସୁଧାରକମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରି ଶ୍ରମିକ ସଂଗଠନ ପାଇଁ ଆଗେଇ ଆସିଥିଲେ, ସେଇମାନେ ହିଁ ଆମଦେଶର ଶ୍ରମିକ ଆନ୍ଦୋଳନର ପ୍ରଥମ ଶୁଭଶଂଖ ନାଦ କରିଥିଲେ । କମ୍ ମଜୁରି, ଅନିୟମିତ କାର୍ଯ୍ୟ ନିର୍ଘଣ୍ଟ, ଅସ୍ୱାସ୍ଥ୍ୟକର ପରିବେଶ, ମହିଳା ଓ ଶିଶୁ ଶ୍ରମିକମାନଙ୍କ ପ୍ରତି ଅମାନୁଷିକ ବ୍ୟବହାର, ଅକଥନୀୟ ଶୋଷଣ ଓ ନିର୍ଯାତନା, ମାଲିକ ବା ଶିଳ୍ପପତି ଓ ସରକାରୀ କଳର ଚରମ ଉଦାସୀନତା ଏଥିରେ ଇନ୍ଧନ ଯୋଗାଇଥିଲା । ଆଇଏଲ୍ଓରେ ଦେଶର ଶ୍ରମିକ ଶ୍ରେଣୀର ପ୍ରତିନିଧିତ୍ୱ କରିବା ପାଇଁ ଗଠିତ ହେଲା- ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ୍ କଂଗ୍ରେସ- ଏଆଇଟିୟୁସି (୧୯୨୦), 'ଜାତୀୟ କଂଗ୍ରେସ'ର ପୁରୋଧା ପଞ୍ଜାବ କେଶରୀ ଲାଲା ଲଜପତ ରାୟ ଥିଲେ ଏହାର ସ୍ଥାପୟିତା ସଭାପତି । ଗଠନ କାଳରେ ଏଆଇଟିୟୁସି, ସମ୍ବିଧାନରେ ନିର୍ଦ୍ଦିଷ୍ଟ ରାଜନୈତିକ ଅଭିମୁଖ୍ୟ ନଥିଲା । ଏହାଥିଲା ଶ୍ରମିକମାନଙ୍କର ଜାତୀୟମଞ୍ଚ ଯେଉଁଥିରେ-ମଡରେଟସ୍, ଲିବେରାଲସ୍, ରେସ୍‌ପନ୍‌ସିଭିଷ୍ଟ, ନେସ୍‌ନାଲିଷ୍ଟ, କୋ.ଅପରେସନ୍, ଏକ୍ସଟ୍ରିମିଷ୍ଟ, ହୋମରୁଲରସ୍, ସ୍ୱରାଜିଷ୍ଟ, ଇଣ୍ଡିପେଣ୍ଡେଟିଷ୍ଟ, ନନ୍-କୋ ଅପରେଟରସ୍‌ମାନେ ସମ୍ପୃକ୍ତ ଥିଲେ । ସ୍ଥାପନ କାଳରେ ଏଆଇଟିୟୁସି ଭାରତୀୟ ଜାତୀୟ କଂଗ୍ରେସ ସହିତ ସମନ୍ୱୟରକ୍ଷା କରି ସ୍ୱାଧୀନତା ସଂଗ୍ରାମ ଓ ଜାତୀୟ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହା ନିର୍ଦ୍ଦିଷ୍ଟ ରାଜନୈତିକ ଆଭିମୁଖ୍ୟ ଓ ସିଦ୍ଧାନ୍ତକୁ ଗ୍ରହ କରିଥିଲା।ସ୍ୱାଧୀନତାର ପ୍ରାକ୍ କାଳରେ ଏବଂ ସ୍ୱାଧୀନତା ପରେ କଂଗ୍ରେସ, ସୋସିଆଲିଷ୍ଟ, କମ୍ୟୁନିଷ୍ଟ, ରାଷ୍ଟ୍ରବାଦୀ ଇତ୍ୟାଦି ରାଜନୈତିକ ଦର୍ଶନ ଓ ଆଭିମୁଖ୍ୟରେ ଆଇଏନ୍‌ଟିୟୁସି, ହିନ୍ଦ୍ ମଜଦୁର ସଭା, ୟୁଟିୟୁସି, ବିଏମ୍ଏସ୍, ସିଆଇଟିୟୁ ପ୍ରମଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ନେସନାଲ ଫେଡେରେସନ୍‌ମାନ ଗଠିତ ହୋଇଛି । ନିଜର ସମ୍ବିଧାନରେ ପ୍ରତ୍ୟେକ ଶ୍ରମିକ ସଙ୍ଗଠନ

ଏହା ମୁକ୍ତି, ସ୍ୱାଧୀନ ଓ ଗଣତନ୍ତ୍ର ଶ୍ରମିକ ସଙ୍ଗଠନ ବୋଲି ପ୍ରତିପାଦିତ କରିଥିଲେ ମଧ୍ୟ ସେମାନଙ୍କର କାର୍ଯ୍ୟଶୈଳୀରେ ରାଜନୈତିକ ଦର୍ଶନ ଓ ଆଭିମୁଖ୍ୟ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ । ସଂପ୍ରତି– କେନ୍ଦ୍ର ଶ୍ରମ ବିଭାଗ' ପକ୍ଷରୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସଭ୍ୟ ସଂଖ୍ୟା ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ୨୦୧୧ ମସିହା ଡିସେମ୍ବର ଶେଷ ସୁଦ୍ଧା କରାଯାଇଥିବା ସଭ୍ୟ ସଂଖ୍ୟା ଭିତ୍ତିରେ ଏଇ ଯାଞ୍ଚ ପ୍ରକ୍ରିୟା କରାଯିବ, ଯେଉଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଅନ୍ୟୂନ ୮ଟି ପ୍ରଦେଶ, ୮ଲକ୍ଷ ସଭ୍ୟ ଓ ୮ଟି ଶିଳ୍ପରେ କାର୍ଯ୍ୟ କରୁଥିବେ ସେମାନଙ୍କୁ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମାନ୍ୟତା ପ୍ରଦାନ କରାଯିବ ଏବଂ ସେମାନଙ୍କର ମନୋନୀତ ପ୍ରତିନିଧିମାନେ ବିଭିନ୍ନ କେନ୍ଦ୍ରୀୟଶ୍ରମ କମିଟୀରେ ପ୍ରତିନିଧିତ୍ୱ କରିବେ। ପରିତାପର କଥା, ଆମଦେଶରେ ସଙ୍ଗଠିତ ଶ୍ରମିକ ଆନ୍ଦୋଳନ ୯୨ ବର୍ଷ ଅତିକ୍ରାନ୍ତ କରିଥିଲେ ମଧ୍ୟ ଏଯାବତ ସମସ୍ତ ଶ୍ରମିକ 'ଟ୍ରେଡ୍‌ୟୁନିୟନ ସଭ୍ୟଭୁକ୍ତ' ହୋଇନାହାଁନ୍ତି । ଏହା ମୋଟ ଶ୍ରମିକ ଶକ୍ତିର ଶତକଡା ୬ରୁ ୮ ପ୍ରତିଶତ ମଧ୍ୟରେ ସୀମିତ । ଏହା ଆମଦେଶର ଶ୍ରମିକ ଆନ୍ଦୋଳନର ଚରମ ଦୁର୍ବଳତା କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ଆକଳନ ଅନୁସାରେ (୨୦୦୯) ଆମଦେଶର ମୋଟ ଶ୍ରମଶକ୍ତି ହେଉଛି ୪୫ କୋଟି । ତନ୍ମଧ୍ୟରୁ ସଙ୍ଗଠିତ କ୍ଷେତ୍ରରେ ୬କୋଟି ଥିଲାବେଳେ ଅସଙ୍ଗଠିତ କ୍ଷେତ୍ରରେ ୩୯କୋଟି ରହିଛନ୍ତି । ସେମାନଙ୍କ ମଧ୍ୟରେ କୃଷି ଶ୍ରମିକ, କେନ୍ଦୁପତ୍ର ଓ ଲଘୁବନଜାତ ସଂଗ୍ରହକାରୀ ଶ୍ରମିକ, ବିଡ଼ି କାରିଗର, ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ ବୃତ୍ତି, ଧନ୍ଦା ବା ଚାକିରିରେ ନିଯୁକ୍ତ ଶ୍ରମଜୀବୀ ଅନ୍ତର୍ଗତ। ଜାତୀୟ ବିକାଶରେ 'ଶ୍ରମଜୀବୀ'ମାନଙ୍କର ମହାନ ଭୂମିକା ରହିଛି। ସଙ୍ଗଠିତ କ୍ଷେତ୍ରରେ 'ଠିକା ଶ୍ରମିକ'ମାନଙ୍କ ସଂଖ୍ୟା ୨୯ ପ୍ରତିଶତ ବୋଲି ଆକଳନ କରାଯାଇଛି ।

ଶ୍ରମ ଓ ଶ୍ରମିକ ସମ୍ପର୍କିତ ଅନେକ ଆଇନ–କାନୁନ୍ ଆମଦେଶରେ ପ୍ରଣୀତ ହୋଇଛି । ସେଗୁଡ଼ିକ ମଧ୍ୟରେ କର୍ମଚାରୀ କ୍ଷତିପୂରଣ ଆଇନ (୧୯୨୩) ଶ୍ରମ ସଂଗଠନ ଆଇନ୍ (୧୯୨୬), ଶିଳ୍ପ–ବିବାଦ ଆଇନ୍(୧୯୪୭), କାରଖାନା ଆଇନ (୧୯୪୮), ସର୍ବନିମ୍ନ ମଜୁରି ପ୍ରଣୟନ ଆଇନ (୧୯୪୮), ଖଣି ଶ୍ରମିକ ଆଇନ୍ (୧୯୫୨), ପ୍ରଭିଡେଣ୍ଟ ଫଣ୍ଡ ଆଇନ (୧୯୫୨), ବୋନସ୍ ପ୍ରଦାନ ଆଇନ (୧୯୬୫), ଗ୍ରାଚ୍ୟୁଇଟ ପ୍ରଦାନ ଆଇନ (୧୯୭୨), ଠିକା ଶ୍ରମିକ ନିୟନ୍ତ୍ରଣ ଓ ବିଲୋପ ଆଇନ୍ (୧୯୭୦), ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଆଇନ (୨୦୦୮) ପ୍ରମୁଖ ପ୍ରଧାନ ଅଟେ । ଶ୍ରମ ସମ୍ପର୍କିତ ବିଷୟ ଏକ ଯୁଗ୍ମ ବିଷୟ ଅଟେ। ଏଥିରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ଦାୟିତ୍ୱ ରହିଛି । ଆମ ଓଡ଼ିଶାରେ ଶ୍ରମ ସମ୍ପର୍କିତ ବିଭିନ୍ନ ଯୁଗ୍ମ କମିଟି ଯଥା– ଷ୍ଟେଟ୍ ଇମ୍ପ୍ଲିମେଣ୍ଟସନ୍ ଏଣ୍ଡ ଇଭାଲ୍ୟୁଏସନ୍ କମିଟି, ଶ୍ରମ ପରାମର୍ଶଦାତା ବୋର୍ଡ, ଠିକା ଶ୍ରମିକ ପରାମର୍ଶଦାତା ବୋର୍ଡ, ସର୍ବନିମ୍ନ ମଜୁରି ପ୍ରଣୟନ ପରାମର୍ଶଦାତା ବୋର୍ଡ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଇତ୍ୟାଦି ଗଠିତ ହୋଇଛି । ଏସବୁ ତ୍ରିପାକ୍ଷିକ କମିଟିରେ ସରକାର, ଶିଳ୍ପମାଲିକ ଓ ଶ୍ରମିକ ପ୍ରତିନିଧିମାନେ ସଭ୍ୟ ଅଛନ୍ତି। ସମ୍ପ୍ରତି ଆମ ରାଜ୍ୟରେ ସର୍ବନିମ୍ନ ମଜୁରି ପରାମର୍ଶଦାତା ବୋର୍ଡ ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଯଥାକ୍ରମେ ଦୁଇଜଣ ଶ୍ରମିକ ନେତା– ରାଜେନ୍ଦ୍ର ପ୍ରସାଦ ସିଂହ ଓ ଯୋଗେନ୍ଦ୍ର ନାଥ ତ୍ରିପାଠୀ ଅବସ୍ଥାପିତ । ରାଜ୍ୟରେ ସ୍ଥାପିତ କଳକାରଖାନାରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି କ୍ଷେତ୍ରରେ ଶତକଡା ନବେ ପ୍ରତିଶତ ଅଣକୁଶଳି, ଷାଠିଏ ପ୍ରତିଶତ କୁଶଳି ଓ ତିରିଶ ପ୍ରତିଶତ ଅଣକୁଶଳି ଶ୍ରମିକ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅତ୍ୟନ୍ତ ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ । ସେଇଭଳି ପରିବେଶ ସନ୍ତୁଳନ ନିମନ୍ତେ ସମ୍ପୃକ୍ତ କଳକାରଖାନାର ଏକ ତୃତୀୟାଂଶ ଜମିରେ ବୃକ୍ଷରୋପଣ, ଜଳ ସଂରକ୍ଷଣ ନିମନ୍ତେ, ବଡ ବଡ ପୁଷ୍କରିଣୀ ଖନନ' ନିଷ୍ପତ୍ତି ମଧ୍ୟ ଅତ୍ୟନ୍ତ ଉପାଦେୟ ପଦକ୍ଷେପ । ଶ୍ରମିକମାନଙ୍କର ସମସ୍ୟା ସମାଧାନ ନିମନ୍ତେ କରାଯାଇଥିବା ବିଭିନ୍ନ ଶ୍ରମ ଆଇନ କାନୁନ୍‌ର ଯଥାର୍ଥ ନିରୀକ୍ଷଣ ଓ ନିୟନ୍ତ୍ରଣ ଏକାନ୍ତ ଅପରିହାର୍ଯ୍ୟ ।

ସମ୍ପ୍ରତି, ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପ୍ରତିଷ୍ଠା ଏବଂ ବହୁଦେଶୀୟ କମ୍ପାନୀଗୁଡ଼ିକରେ ଶ୍ରମିକ ସଙ୍ଗଠନ ଗଠନ କରିବା ଓ ସାମୂହିକ ମୂଲଚାଲ କରିବା ଦିଗରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଶ୍ରମିକମାନେ ଶ୍ରମ କାନୁନ୍‌ଗୁଡ଼ିକର ସଂଶୋଧନ କରି ଶ୍ରମିକ ସପକ୍ଷ ଧାରା ସଂଯୋଗ କରିବାକୁ ଦାବି ଉପସ୍ଥାପିତ କରୁଥିବାବେଳେ ପୁଞ୍ଜିପତି ଓ ଶିଳ୍ପ ମାଲିକମାନେ ଶ୍ରମିକ ସପକ୍ଷ ଧାରା ଉଚ୍ଛେଦ କରିବାକୁ ପ୍ରୟାସ ଚଳାଇବା ଯୋଗୁଁ ଏକ ବିରୋଧାଭାଷ ପରିସ୍ଥିତି ଉପୁଜିଛି । ଏହାର ସମାଧାନ ଓ ସମନ୍ୱୟ ଏକାନ୍ତ ଆବଶ୍ୟକ । ଏ କ୍ଷେତ୍ରରେ ଆଇଏଲ୍‌ଓ କନ୍‌ଭେନ୍‌ସନ–୮୭ (ସଙ୍ଗଠନ ଗଢିବାର ଅଧିକାର) ଓ କନ୍‌ଭେନ୍‌ସନ୍– ୯୮ (ସାମୂହିକ ସୌଦାବାଜ୍ୟ ଅଧିକାର)କୁ ଭାରତ ସରକାର ଅନୁମୋଦନ କରିବା ଉଚିତ୍ । ''ଆନ୍ତର୍ଜାତୀୟ ସ୍ତରୀୟ ଚିନ୍ତାକର ଏବଂ ଆଞ୍ଚଳିକ ସ୍ତରୀୟ କାର୍ଯ୍ୟକର ।'' ଶ୍ରମିକ ସଂଗଠନମାନଙ୍କୁ ସୁଦୃଢ ଓ ଶ୍ରମିକ ଆନ୍ଦୋଳନକୁ ବଳିଷ୍ଠ କରିବାକୁ ଶ୍ରମିକ ଶିକ୍ଷା, ଚର୍ଚ୍ଚା, ଅଧ୍ୟୟନ ଓ ଗବେଷଣା ଏକାନ୍ତ ପ୍ରୟୋଜନ । ତା'ହେଲେ ଦୁନିଆର ଶ୍ରମିକ ଏକ ହୁଅ– ଏହାଦ୍ୱାରା ମଇ ଦିବସର ଆହ୍ୱାନ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ ।

---

କ୍ୱାର୍ଟର ନଂ– ଇ– ୧୩, ୩/୧, ନ୍ୟୁ ଗଭର୍ଣ୍ଣମେଣ୍ଟ
କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର